# Akashvani, Sambalpur

## SAMBALPURI NEWS EVENING BULLETIN

## 22 May 2024- 7.02 pm- 7.12 pm.

*********************************************

୧- ଦେଶେ ସାଧାରଣ ନିର୍ବାଚନ୍‌ର ଶେଷ୍ ଖେପେ ୮ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ୫୭ ଟା ସଂସଦୀୟ କ୍ଷେତ୍ର ଲାଗି ୯ ଶହ ୪ ଝନ୍ ପ୍ରାର୍ଥୀ କରୁଛନ୍ ପ୍ରତିଦ୍ୱନ୍ଦିତା ।

୨- ରାଏଜେ ୩ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ଆଏବା କାଏଲ୍ ସର୍‌ବା ପ୍ରଚାର୍ ।

୩- କଂଟାମାଲ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀର୍ ୨ ଟା ବୁଥ୍ ନ ଆଏବାକାଏଲ୍ ଫେର୍‌ଘାଏ ହେବା ଭୋଟ୍ ।

୪- ଆଏବା ୨୬ ତାରିଖ୍ ରଏବାର୍ ଦିନ ବାହାର୍‌ବା ଯୁକ୍ତ ଦୁଇ ପରୀକ୍ଷା ଫଲ ।

ଆଉର୍

୫- ଲଘୁଚାପ୍‌ର ରୂପ ନେଲା ବଙ୍ଗୋପ୍‌ସାଗର୍ ନ ସକ୍ରିୟ ଘୂର୍ଣ୍ଣିବଲୟ ।

୭ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ୍    ଆର୍‌ଏନ୍‌ୟୁ/ସମ୍ବଲପୁର

ଦେଶେ ସାଧାରଣ୍ ନିର୍ବାଚନ୍‌ର ୭ ନମ୍ବର୍ ଖେପେ ୮ ଟା ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍‌ର ୫୭ ଟା ସଂସଦୀୟ କ୍ଷେତ୍ର ଲାଗି ଆଏବା ୧ ତାରିଖ୍ ଭୋଟ୍ ହେବା । ଇ ଖେପେ ୯ ଶହ ୪ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ ବଲି ନିର୍ବାଚନ୍ କମିଶନ୍‌ଙ୍କର ସୂତ୍ରନୁ ଜନାପଡ଼ିଛେ । ଇଥିର୍‌ଲାଗି ମୋଟ୍ ୨ ହଜାର୍ ୧୫ ଝନ୍ ନାମାଙ୍କନ୍ ପତ୍ର ଦାଖଲ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଇ ଖେପ୍ ନିର୍ବାଚନ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କର୍‌ବାର୍ ଶେଷ୍ ତାରିଖ୍ ମେ ୧୪ ତାରିଖ୍ ରହିଥିଲା । ନିର୍ବାଚନ୍‌ଥି ପଞ୍ଜାବ୍‌ର ୧୩ ଟା ସଂସଦୀୟ କ୍ଷେତ୍ର ଲାଗି ସବୁଠାନୁ ଜହ ୫ ଶହ ୫୮ ଟା ନାମାଙ୍କନ୍ ପତ୍ର ଦାଖଲ୍ ହେଇଥିଲା । ସେନ୍ତା ଉତର୍‌ପ୍ରଦେଶର୍ ୧୩ ଟା ଆସନ୍ ଲାଗି ୪ ଶହ ୯୫ ଟା ନାମାଙ୍କନ୍ ପତ୍ର ଦାଖଲ୍ ହେଇଥିଲା । ଇତାର୍‌ସହେତେ ଓଡ଼ିଶାର୍ ୬ ଟା ସଂସଦୀୟ କ୍ଷେତ୍ର ଆସନ୍ ଲାଗି ପ୍ରାର୍ଥୀ ପ୍ରତ୍ୟାହାର୍ ଉତ୍‌ରୁ ୬୬ ଟା ନାମାଙ୍କନ୍ ପତ୍ର ବୈଧ ରହିଥିବାର୍ ସୂଚ୍‌ନା ମିଳିଛେ ।

୩ ନମ୍ବର୍ ଖେପ୍ ନିର୍ବାଚନ୍    ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ୩ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ଆଏବା ୨୫ ତାରିଖ୍ ଦିନ ଭୋଟ୍ ନିଆଯିବା । ଇ ଖେପେ ସମ୍ବଲ୍‌ପୁର୍, ଢେଙ୍କାନାଲ୍, କେନ୍ଦୁଝର୍, କଟକ୍, ଭୁବ୍‌ନେଶ୍ୱର୍ ଆର୍ ପୁରୀ ସଂସଦୀୟ କ୍ଷେତ୍ର ଆର୍ ଇତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ଅନୁଗୁଲ୍, ଢେଙ୍କାନାଲ୍, କଟକ୍, ପୁରୀ, ଖୋର୍ଦ୍ଧା, ନୟାଗଡ଼୍, କେନ୍ଦୁଝର୍ ଆର୍ ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ୪୨ ଟା ନିର୍ବାଚନ୍ ମଣ୍ଡଳୀ ଲାଗି ଭୋଟ୍ ହେବା । ଇ ଖେପ୍ ନିର୍ବାଚନ୍ ଲାଗି ଗଲା ୭ ତାରିଖ୍ ପ୍ରାର୍ଥୀପତ୍ର ଯାଂଚ୍ ସରିଥିଲା । ଆଏବା କାଏଲ୍ ସଞ୍ଜ୍‌ବେଲର୍ ୫ ବଜେତକ୍ ପ୍ରାର୍ଥୀମାନେ ନିଜର୍ ପ୍ରଚାର୍ କରିପାର୍‌ବେ ।

ରିପୋର୍ଟିଂ- ମୁଖ୍ୟ ନିର୍ବାଚନ୍ ଅଧିକାରୀ    ବୌଦ୍ଧ ସମ୍ବାଦଦାତା

କନ୍ଧମାଲ୍ ସଂସଦୀୟ କ୍ଷେତ୍ରର୍ କଂଟାମାଲ୍ ବିଧାନ୍‌ସଭା ଦୁହି ୨ ବୁଥ୍ ନ ଆଏବା କାଏଲ୍ ଫେର୍ ମତଦାନ୍ ହେବା ବଲି ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟନୁ ସୂଚ୍‌ନା ମିଲିଛେ । କଂଟାମାଲ୍‌ର ୨୬  ନମ୍ବର୍ ଆର୍ ୨୮ ନମ୍ବର୍ ବୁଥ୍ ନ ଆଏବା କାଏଲ୍ ସଖାଲର୍ ୭ ବଜେନୁ ଉପର୍‌ବେଲା ୪ ବଜେତକ୍ ଭୋଟ୍ ହେବା ।

ଜିଲ୍ଲାପାଲ୍ ତଥା ଜିଲ୍ଲା ନିର୍ବାଚନ୍ ଅଧିକାରୀ ଜେ. ସୋନାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ରାଜପ୍ରସାଦ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଫେର୍‌ଘାଏ ଭୋଟ୍ କର୍‌ବାର୍ ଲାଗି ପ୍ରଶାସନ୍‌ର ପ୍ରସ୍ତୁତି ବାବ୍‌ଦେ ସୂଚ୍‌ନା ଦେଇଥିଲେ ।

ପ୍ରଧାନ୍‌ମନ୍ତ୍ରୀ - ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ବିଜେପିର ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ଦିନ ଫେର୍ ଓଡ଼ିଶା ଗସ୍ତଥି ଆସ୍‌ବେ ବଲି ରାଜ୍ୟ ବିଜେପି ନିର୍ବାଚନ୍ ପ୍ରଭାରୀ ବିଜୟପାଲ୍ ସିଂ ତୋମାର୍ ସୂଚ୍‌ନା ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀ କେନ୍ଦ୍ରାପଡ଼ା ଆର୍ ବାଲେଶ୍ୱର୍ ନ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ସେନ୍ତା ବିଜେପିର ବରିଷ୍ଠ ନେତା ଆଉ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆଏବା ୨୫ ତାରିଖ୍ ଦିନ ଫେର୍ ଓଡ଼ିଶା ଗସ୍ତଥି ଆସିକରି ବାରିପଦା, ଚାନ୍ଦବାଲି, ପୁରୀ ଆର୍ ନିମାପଡ଼ା ନ ହେବାର୍‌କେ ଥିବା ଜନସଭାଥି ଲୁକ୍‌କୁ ଉଦ୍‌ବୋଧନ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ-ରୋଡ୍ ସୋ ଆର୍‌ଏନ୍‌ୟୁ /ସମ୍ବଲପୁର

ବିଜେଡ଼ି ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଏଛେନ୍ ଭୁବ୍‌ନେଶ୍ୱର୍ ନ ରୋଡ଼୍ ସୋ କରୁଛନ୍ । ଇ ରୋଡ଼୍ ସୋ' ରେଂଟାଲ୍ କଲୋନୀନୁ ମୁଲ୍ ହେଇଥିବାର୍ ବେଲେ ଡମଣା ଦେଇକରି ପଟିଆଡକ୍ ଯିବା ।

ସେଆଡ଼େ ମୁଖ୍ୟମନ୍ତ୍ରୀ ଆଏଜ୍ ଦିନ୍‌ବେଲା ପୁରୀର ତାଳବଣିଆ ହେଲିପେଡ୍ ନ ଜନସମାବେଶ୍‌କେ ସମ୍ବୋଧିତ କର୍‌ବାର୍ ସହେତେ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ନିର୍ବାଚନ୍ ପ୍ରଚାର୍ କରିଛନ୍ ।

ଗିରିରାଜ୍ ସିଂଙ୍କର୍ ପ୍ରଚାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜେପି ନେତା ଆଉ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ବିଭାଗ୍ ମନ୍ତ୍ରୀ ଗିରିରାଜ୍ ସିଂ ଆଏଜ୍ ସମ୍ବଲପୁର୍ ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କରିଛନ୍ । ଶ୍ରୀ ସିଂ ଭୂତାପଡ଼ା ଛକ୍‌ନୁ ସୁନାପାଲି ତକ୍ ଗୁଟେ ରୋଡ଼୍ ଶୋ' ଆର୍ ପଦଯାତ୍ରାଥି ଯାଇକରି ନିର୍ବାଚନ୍ ପ୍ରଚାର୍ କରିଛନ୍ । ଓଡ଼ିଶା ଅସ୍ମିତାକେ ବଂଚାବାର୍ ଲାଗି ନୂଆଁ ସର୍‌କାର୍ ଗଢ଼୍‌ବାର୍ ଦର୍‌କାର୍ ରହିଛେ ବଲି ଶ୍ରୀ ସିଂ କହିଛନ୍ । ଦୁଇପହରେ ସମ୍ବଲପୁର୍ କ୍ଷେତରାଜ୍‌ପୁର୍ ନ ହେଇଥିବା ଗୁଟେ ଜନସଭାଥି କେନ୍ଦ୍ରମନ୍ତ୍ରୀ ଗିରିରାଜ୍ ସିଂ ଯୋଗଦେଇକରି ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କରିଛନ୍ ।

## ସମ୍ବଲପୁର ସଂସଦୀୟ କ୍ଷେତ୍ର- ସାଧାରଣ ନିର୍ବାଚନ

ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲପୁର୍ ସଂସଦୀୟ କ୍ଷେତ୍ର ନ ଆଏବା ୨୫ ତାରିଖ୍ ଦିନ ଭୋଟ୍ ହେବା । ଇତାକେ ନେଇକରି ରାଜନୈତିକ୍ ଦଲ୍‌ମାନେ ଜୋର୍‌ଦାର୍ ନିର୍ବାଚନ୍ ପ୍ରଚାର୍ କରୁଥିବାର୍ ବେଲେ ସମ୍ବଲ୍‌ପୁର, ରେଙ୍ଗାଲି ଆର୍ ରେଢ଼ାଖୋଲ୍ ନିର୍ବାଚନ୍ ମଣ୍ଡଲୀ ନ ଭିନ୍ ଭିନ୍ ଦଲର୍ ବରିଷ୍ଠ ନେତାମାନେ ପ୍ରଚାର୍ କରୁଛନ୍ । ଇ ବାବ୍‌ଦେ ଆମର୍ ସମ୍ବଲ୍‌ପୁର୍ ସମ୍ବାଦଦାତା ଗୁଣମଣି ବିଶ୍ୱାଲ୍‌ଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍-୧)

## ୧୨ କ୍ଲାସ୍ ପରୀକ୍ଷା ଫଲ୍ ଆର୍‌ଏନ୍‌ୟୁ/ କଟକ୍

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ପରିଚାଳିତ ଯୁକ୍ତ ଦୁଇ କଳା, ବାଣିଜ୍ୟ, ଆଉ ଧନ୍ଦାମୂଲକ୍ ପରୀକ୍ଷା ଫଳ ଆଏବା ୨୬ ତାରିଖ୍ ଦୁଇପହରେ ବାହାର୍‌ବା ବଲି ସି.ଏଚ୍.ଏସ୍.ଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଛାତ୍ରଛାତ୍ରୀମାନେ www.orissaresults.nic.in ୱେବସାଇଟ୍ ଜରିଏ ପଲାଫଲ୍ ଜାନିପାର୍‌ବେ । ଗଲା ଫେବୃଆରୀ ୧୬ ନୁ ମାର୍ଚ୍ଚ

୨୦ ତାରିଖ୍‌ତକ୍ ହେଇଥିବା ଯୁକ୍ତ ଦୁଇ ପରୀକ୍ଷାଥି ୩ ଲାଖ୍ ୮୬ ହଜାର୍ ୨ ଶହ ୫୦ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ।

ବୈଶାଖ ମେଲା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ପାଇକମାଲ୍ ନର୍‌ସିଂନାଥ ପୀଠ ନ ଆଏଜ୍ ବଏଶାଖ୍ ଉଜଲ୍ ପଖର୍ ଚତୁର୍ଦ୍ଦଶୀ ତିଥି ନ ମହାପ୍ରଭୁ ନର୍‌ସିଂନାଥଙ୍କର୍ ଜନମ୍ ଉତ୍ସବ ପାଲନ୍ କରାଯାଉଛେ । ଇ ଅବସରେ ଚାଲିଥିବା ପ୍ରସିଦ୍ଧ୍ ବୈଶାଖ୍ ମେଲା ଦେଖ୍‌ବାର ଲାଗି ଛତିଶ୍‌ଗଡ଼୍ ଆର୍ ଓଡ଼ିଶା ନୁ ହଜାର ହଜାର ଭକ୍ତଙ୍କର ସମାଗମ୍ ହେଇଛେ । ଭକ୍ତମାନେ ପାପନାଶିନୀ ଝର୍‌ନା ର ଚାଲ୍ ଧାର୍, ଗୋକୁଣ୍ଡ ଘାଟ୍, ଆର ପଂଚୁ ପାଣ୍ଡବ୍ ଘାଟ ନ ବୁଡ଼୍ ପକେଇ କରି ମାହାପୁରୁଙ୍କର ଦର୍ଶନ୍ କର୍‌ବାର୍ ସାଙ୍ଗେ ମେଲାର ମଜା ନଉଛନ୍ । ଇ ବାବ୍‌ଦେ ଆମର୍ ବର୍‌ଗଡ଼୍ ସମ୍ବାଦଦାତା ଉମେଶ୍ ଚନ୍ଦ୍ର ବିଶ୍ୱାଲ୍‌ଙ୍କର୍ ରିପୋର୍ଟ...

(ଭଏସ୍ ଓଭର୍-ଉମେଶ ଚନ୍ଦ୍ର ବିଶ୍ୱାଲ)

ବନ୍ୟାଜଳ ନିଷ୍କାସନ୍ -ହୀରାକୁଦ୍ ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ବନ୍ଧା ନୁ ଆଘର୍ ବଛର୍ ମାନ୍‌କର୍ ବାଗିର୍ ଇ ବଛର୍ ଭିଲ୍ ବର୍ଷାଋତୁ ସମିଆଥି ବଢ଼ିପାଏନ୍ ଛଡ଼ାଯିବା ବଲି ହୀରାକୁଦ୍ ନଦୀବନ୍ଧ କର୍ତୃପକ୍ଷ ସୂଚ୍‌ନା ଦେଇଛନ୍ । ମହାନଦୀ ଶଯ୍ୟା ନ ଚଲାଚଲ୍ କରୁଥିବା ଲୁକ୍‌କୁ ସତର୍କ କରାଯାଇଛେ । ବଢ଼ି ପାଏନ୍ ଛଡ଼ାଯିବାର୍ ୨ ଘଂଟା ଆଘୋନୁ ହୀରାକୁଦ୍ ବନ୍ଧାର୍ ଡେବ୍‌ରୀଫାଲେ ଥିବା ସ୍ପିଲ୍‌ୱେ ନ ସାଇରନ୍ ବାଜ୍‌ବାର୍ ବ୍ୟବସ୍ଥା କରାଯାଇଛେ । ପହେଲା ଇ ସାଇରନ୍ ୨ ମିନିଟ୍‌ତକ୍ ଲଗାତାର୍ ଭାବେ ବାଜ୍‌ବା । ତାର୍ ଉତ୍‌ରୁ ୨୦ ସେକେଣ୍ଡ୍ ଅନ୍ତର୍‌ଥି ୩୦ ସେକେଣ୍ଡ୍ ଲେଖା ଲଗାତାର୍ ଭାବେ ବାଜ୍‌ବା । ଇ ବାବ୍‌ଦେ ବନ୍ଧାର୍ ତଲ୍‌ମୁଡ଼େ ଥିବା ୧୨ ଟା ଜିଲ୍ଲାର୍ ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନ୍‌କୁ ସତର୍କ ସୂଚ୍‌ନା ଦିଆଯାଇଛେ ।

ନୃସିଂହ ଜନ୍ମତିଥି ଆର୍‌ଏନ୍‌ୟୁ/ କଟକ୍

ଶ୍ରୀମନ୍ଦିର୍ ନ ଆଏଜ୍ ପବିତ୍ର ବୈଶାଖ ଶୁକ୍ଲ ନୃସିଂହ ଚତୁର୍ଦ୍ଦଶୀ ତିଥିଥି ଡେରି ରାତିଥି ନୃସିଂହ ଜନ୍ମନୀତି ହେବା । ଇ ଦିନ ଭଗବାନ୍ ନୃସିଂହ ଭକ୍ତ ପ୍ରହଲ୍ଲାଦଙ୍କର୍ ଲାଗି ପ୍ରକଟ ହେଇଥିବାର୍ ବେଲେ ହିରଣ୍ୟକଶ୍ୟପୁ ବଧ କରିଥିଲେ । ପରମ୍ପରା ଅନ୍‌ସାରେ, ଆଏଜ୍‌ଠାନୁ ରଥଖଲା ନ ଯନ୍ତାଗାଡ଼ ପ୍ରସ୍ତୁତ କରାଯାଇଛେ । ଆଏଜ୍ ତିନ୍‌ହି ରଥର ଗୁଜ ଅନୁକୂଳ

କରାଯିବା । ଗୁଜ କାଠଥି ରୂପକାର୍ ସେବକମାନେ ନୃସିଂହ ବିରାଜ ପ୍ରସ୍ତୁତ କର୍‌ବେ ।

ଜାତୀୟ ଶିକ୍ଷକ ପୁରସ୍କାର୍-୨୦୨୪ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ଶିକ୍ଷକ୍ ପୁରସ୍କାର୍ -୨୦୨୪ ଲାଗି ଶିକ୍ଷା ମନ୍ତ୍ରଣାଲୟ ତରଫୁ ଆବେଦନ୍‌ପତ୍ର ଆହ୍ୱାନ୍ କରାଯାଇଛେ । କେନ୍ଦ୍ର ଉଚ୍ଚଶିକ୍ଷା ସଚିବ ସଞ୍ଜୟ ମୂର୍ତି ଗଲାକାଏଲ୍ ଇ ପୋର୍ଟାଲ୍‌ର ଉନ୍ମୋଚନ୍ କରିଛନ୍ । ବୈଷୟିକ ଆଉ ଅଣବୈଷୟିକ ଉଚ୍ଚଶିକ୍ଷାନୁଷ୍ଠାନ୍ ଆର୍ ପଲିଟେକ୍‌ନିକ୍ ଅନୁଷ୍ଠାନ୍‌ର ଶିକ୍ଷକ୍‌ମାନ୍‌କୁ ଇଥି ସାମିଲ୍ କରାଯାଇଛେ । ଶିକ୍ଷା ମନ୍ତ୍ରଣାଲୟର୍ ସୂଚ୍‌ନା ଅନ୍‌ସାରେ ଅଣସ୍ନାତକୋତର ଆର୍ ସ୍ନାତକୋତର ସ୍ତର୍‌ଥି କମ୍‌ସେକମ୍ ୫ ବଛର୍‌ର ପୂର୍ଣ୍ଣକାଳୀନ ଶିକ୍ଷାଗତ ଅଭିଜ୍ଞତା ଥିବା ଶିକ୍ଷକ୍‌ମାନେ ପୁରସ୍କାର୍ ଲାଗି ଆବେଦନ୍ କରିପାର୍‌ବେ । ଆଏବା ମାସର୍ ୨୦ ତାରିଖ୍ ଆବେଦନ୍ ଦାଖଲ୍ କର୍‌ବାର୍ ଶେଷ୍ ତାରିଖ୍ ଧାରିଜ୍ କରାଯାଇଛେ । ଆଏବା ସେପ୍ଟେମ୍ବର୍ ମାସର୍ ୫ ତାରିଖ୍ ଆଘର୍ ରାଷ୍ଟ୍ରପତି ଡକ୍ଟର୍ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କର୍ ଜୟନ୍ତୀ ଆଉ ଶିକ୍ଷକ୍ ଦିବସ୍ ଅବ୍‌ସରେ ଇ ପୁରସ୍କାର୍ ଦିଆଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ବଙ୍ଗୋପ୍ସାଗର୍ ନ ସକ୍ରିୟ ଥିବା ଘୂର୍ଣ୍ଣିବଲୟ ଆଏଜ୍ ଲଘୁଚାପ୍ର ରୂପ ନେଇଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ । ଘୂର୍ଣ୍ଣିବଲୟର୍ ପ୍ରଭାବ୍ଥି ଦକ୍ଷିଣ୍ ପଶ୍ଚିମ ଆଖର୍ପାଖର୍ ପଶ୍ଚିମକେନ୍ଦ୍ରୀୟ ଇଲାକା ଆର୍ ତାକେ ଲାଗିକରିଥିବା ତାମିଲ୍ନାଡୁ- ଦକ୍ଷିଣ୍ ଆନ୍ଧ୍ରପ୍ରଦେଶ୍ ସମୁଦ୍ରଖଁଡ଼ି ନ ଆଏଜ୍ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇଟା ଆହୁରି ଘନୀଭୂତ ହେଇକରି ୨୪ ତାରିଖ୍ ଶୁକ୍ରବାର୍ ସଖାଲେ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ଇଲାକା ନ ଅବପାତର ରୂପ ନେବା ।